# Akashvani, Sambalpur

## SAMBALPURI NEWS BULLETIN

### 21 July 2025- 6.47- 6.52 am.

*********************************************

ସଂସଦ୍ ମୌସୁମୀ ଅଧିବେଶନ୍      ଏନ୍ଏସ୍ଡି

ସଂସଦ୍ର ମୌସୁମୀ ଅଧିବେଶନ୍ ଆଏଜ୍ନୁ ମୁଲ୍ ହେବା । ଅଧିବେଶନ୍ ଅଗଷ୍ଟ ୨୧ ତାରିଖ୍ ତକ୍ ଚାଲ୍ବା । ଇ ଅଧିବେଶନ୍ ସମିଆଥି ଦୁହି ଗୃହ ନ ୨୧ ଟା ଲେଖା କାର୍ଯ୍ୟଦିବସ୍ ରହେବା । ଅଧିବେଶନ୍ ସମିଆଥି ଜନ ବିଶ୍ୱାସ୍ ବିଧେୟକ୍, ଜାତୀୟ କ୍ରୀଡ଼ା ପ୍ରଶାସନ୍ ବିଧେୟକ୍ ଆଉ ଅଲ୍ଗା କେତେଟା ଜରୁରୀ ବିଧେୟକ୍ ଉପସ୍ଥାପନ୍ ହେବାର୍ ସମ୍ଭାବନା ରହିଛେ ।
ଇତାର୍ ଆଘୋନୁ ଗଲାକାଏଲ୍ ସର୍ବଦଳୀୟ ବୈଠକ୍ ହେଇଯାଇଛେ । ଅଧିବେଶନ୍ ସମିଆଥି ଦୁହି ସଦନ୍କେ ସୁରୁଖୁରୁଥି ଚଲାବାର୍ ଲାଗି ସର୍କାର୍ ସବୁ ରାଜନୈତିକ୍ ଦଲ୍ ମାନ୍କର୍ ସାଙ୍ଗେ ସହମତି ବାବ୍ଦେ ଆଲୋଚନା କରିଛନ୍ ।

ଜାତୀୟ ମାନବାଧିକାର କମିଶନ୍ ଶୁଣାଣି/ଆର୍ଏନ୍ୟୁ/ ସମ୍ବଲପୁର

ଭୁବ୍‌ନେଶ୍ୱର୍ ଠାନେ ଆଏଜ୍ ଠାନୁ ଜାତୀୟ ମାନବାଧିକାର୍ ଆୟୋଗ୍‌ର ଦୁଇଦିନିଆ ଶୁଣାଣି ମୁଲ୍ ହେବା । ଜାତୀୟ ମାନବାଧିକାର୍ ଆୟୋଗ୍ ଅଧ୍ୟକ୍ଷ ଜଷ୍ଟିସ୍ ଭି. ରାମ୍ ସୁବ୍ରମଣ୍ୟମ୍ ଆଉ ଅଲ୍‌ଗା ସଦସ୍ୟମାନେ ମାନବାଧିକାର୍ ଉଲ୍ଲଂଘନ୍ ବାବଦ ଭିନ୍ ଭିନ୍ ମାମ୍‌ଲାର୍ ଶୁଣାଣି କର୍‌ବେ । ରାଜ୍ୟ ଅତିଥି ଭବନ୍ ନ ସଖାଲର୍ ୧୦ ବଜେନୁ ଶୁଣାଣି ମୁଲ୍ ହେବା । ଇ ଅବ୍‌ସରେ ମାନବାଧିକାର୍ ବାବ୍‌ଦେ ଜନସଚେତନତା ବୃଦ୍ଧି ଲାଗି ଆୟୋଗ୍ -ରାଜ୍ୟର୍ ମୁଖ୍ୟ ଶାସନ୍ ସଚିବ, ପୁଲିସ୍ ମହାନିର୍ଦ୍ଦେଶକ୍ ଆଉ ଅଲ୍‌ଗା ବରିଷ୍ଠ ପଦାଧିକାରୀମାନ୍‌କର୍ ସାଙ୍ଗେ ଆଲୋଚନା କର୍‌ବାର୍ କାର୍ଯ୍ୟସୂଚୀ ରହିଛେ ।

ପୋସ୍ ଆଇନ ସୂଚ୍‌ନା ବୋର୍ଡ଼ ଆର୍‌ଏନ୍‌ୟୁ/ ସମ୍ବଲପୁର

କର୍ମକ୍ଷେତ୍ର ନ ମହିଳାମାନ୍‌କୁ ଯୌନ ନିର୍ଯ୍ୟାତନା, ପ୍ରତିଶୋଧ୍, ନିଷେଧ୍ ଆଉ ପ୍ରତିକାର୍ ଅଧିନିୟମ୍ -୨୦୧୩- ପୋସ୍ ଆଇନ୍ ବାବଦ୍ ସୂଚ୍‌ନା ବୋର୍ଡ଼ ସବୁ ଅନୁଷ୍ଠାନ୍ ମାନ୍‌କେ ଲଗାବାର୍‌କେ ମହିଳା ଆଉ ଶିଶୁ ବିକାଶ୍ ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍‌ନାମା ଜାରି କରାଯାଇଛେ । ଇଥି ସବୁ କାର୍ଯ୍ୟସ୍ଥଲ୍, ବିଦ୍ୟାଳୟ, ମହାବିଦ୍ୟାଳୟ ଆଉ ଅନୁଷ୍ଠାନ୍ ମାନ୍‌କେ ପୋସ୍ ଆଇନ୍ ବାବ୍‌ଦେ ସଚେତନ୍ କର୍‌ବାର୍ ଦିଗେ କାଣା କରାଯିବା, କାଣା ନାଇଁ କରାଯାଏ ସେ ବାବ୍‌ଦେ ଭିଲ୍ ବୋର୍ଡ଼ଥି ସୂଚ୍‌ନା ଦିଆଯିବା ।

କେନ୍‌ସି ଭିଲ୍ ସଂସ୍ଥା ଆଭ୍ୟନ୍ତରିଣ ଅଭିଯୋଗ୍ କମିଟି ବିନା ସଂସ୍ଥା ଚଲେଇ ନାଇଁପାରନ୍ ବଲି ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ୟୁଏଲ୍‌ବି I&PR

ଗୃହ ନିର୍ମାଣ ଆଉ ନଗର୍ ଉନ୍ନୟନ୍ ବିଭାଗ୍ ତର୍‌ଫୁ ରାଜ୍ୟର୍ ପୌରସଂସ୍ଥା - ୟୁଏଲ୍‌ବି ମାନ୍‌କେ ଆଏଜ୍‌ଠାନୁ ବିଚାରାଧୀନ୍ ଅଭିଯୋଗ୍ ମାନ୍‌କର୍ ଜନଶୁଣାଣି, କେନ୍ଦ୍ରୀକୃତ ଜନ ଅଭିଯୋଗ୍ ସମାଧାନ୍, ମନିଟରିଂ ସିଷ୍ଟମ୍ ଆଉ ହେଲ୍ପଡେସ୍କ ଜରିଏ ଭିନ୍ ଭିନ୍ ଅଭିଯୋଗ୍‌ର ସମାଧାନ୍ କରାଯିବା । ଶୁଣାଣି ଆଏବା ୨୫ ତାରିଖ୍‌ତକ ଚାଲ୍‌ବା ବଲି ବିଭାଗ୍ ତର୍‌ଫୁ କୁହାଯାଇଛେ । ଇ ଅଭିଯାନ୍ ଗୁଣାତ୍ମକ୍ ସେବା ଦେବାର୍ ଆଉ ଅପହଂଚ୍ ଇଲାକା ନ ଭିଲ୍ ସୁଶାସନ୍ ସୁନିଶ୍ଚିତ୍ କର୍‌ବାର୍ ଲାଗି ଗୁଟେ ନିରନ୍ତର୍ ଚେରେଷ୍ଟା ଆଏ । ଶୁଣାଣି ଉତ୍‌ରୁ ସବୁ ପୌରସଂସ୍ଥା ୨୯ ତାରିଖ୍‌ତକ୍ ଇ ବାବ୍‌ଦେ କାର୍ଯ୍ୟାନୁଷ୍ଠାନ୍ ରିପୋର୍ଟ ଦାଖଲ୍ କର୍‌ବେ ବଲି ବିଭାଗ୍ ତର୍‌ଫୁ ନିର୍ଦ୍ଦେଶ୍ ଦିଆଯାଇଛେ ।

ଖୁଲାଥି ପେଟ୍ରୋଲ୍ ବିକ୍ରି ବନ୍ଦ୍ ଆର୍‌ଏନ୍‌ୟୁ/ ସମ୍ବଲପୁର

ଖୁଲାଥି ପେଟ୍ରୋଲ୍ ବିକ୍ରି ବନ୍ଦ୍ କର୍‌ବାର୍ ଲାଗି ରାଜ୍ୟ ସର୍‌କାର୍ ଯୋଜ୍‌ନା କରୁଛନ୍ । ଖୋବ୍ ଜଲ୍‌ଦି ଇତାକେ ନେଇକରି ମାର୍ଗଦର୍ଶିକା ଜାରି

କରାଯିବା ବଲି ଖାଦ୍ୟ ଯୋଗାଣ ଆଉ ଖାଉଟି କଲ୍ୟାଣ୍ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର କହିଛନ୍ । ଇ ବାବ୍ଦେ ବିଭାଗୀୟ ଅଧିକାରୀମାନ୍କର୍ ସାଙ୍ଗେ ବୈଠକ୍ କରାଯାଇକରି ନିଷ୍ପତି ନିଆଯିବା ବଲି ମନ୍ତ୍ରୀ ଶ୍ରୀ ପାତ୍ର ସୂଚ୍ନା ଦେଇଛନ୍ ।

ସ୍ୱୟଂଚାଲିତ୍ ଫାଟକ୍, ଫାଟକ୍, ନଦୀ ଆଡ଼ିବନ୍ଧ I&PR

ରାଜ୍ୟର୍ ଜଲ୍ଭଣ୍ଡାର୍, ବେରେଜ୍ ଆଉ ଅନ୍ତଃନଦୀ ଜଲାଶୟ ମାନ୍କେ ସ୍ୱୟଂଚାଲିତ୍ ଫାଟକ୍ ଯୋଜ୍ନାଥି ସ୍ୱୟଂଚାଲିତ୍ ଫାଟକ୍ ବସାବାର୍ ଲକ୍ଷ୍ୟ ରଖାଯାଇଛେ । ଯୋଜ୍ନାଥି ୮୦ କୋଟି ଟଙ୍କା ଖର୍ଚ୍ଚା କରିକରି ୧୪ ଟା ଡେମ୍ ନ ୭୬ ଟା ଫାଟକ୍, ୧୦ ଟା ବେରେଜ୍ ନ ଶହେ ୫୩ ଟା, ଆଉ ୨୭ ଟା ଅନ୍ତଃନଦୀ ଜଲାଶୟ ନ ସ୍ୱୟଂଚାଲିତ୍ ଫାଟକ୍ ତିଆର୍ କରାଯିବା ବଲି ଜଲ୍ସମ୍ପଦ୍ ବିଭାଗ୍ ତର୍ଫୁ ସୂଚ୍ନା ଦିଆଯାଇଛେ ।

ସେନ୍ତା ଫାଟକ୍ ନାଇଁଥିବାର୍ ଡେମ୍ ମାନ୍କେ ଫାଟକ୍ ବନାବାର ଲାଗି ଭିଲ୍ ସର୍କାର୍ ପଦକ୍ଷେପ୍ ନଉଛନ୍ । ଯୋଜ୍ନାଥି ୨ ଶହ ୩୯ କୋଟିନୁ ଅଏତ୍କା ଟଙ୍କା ଖର୍ଚ୍ଚା କରାଯାଇକରି ରାଜ୍ୟର୍ ୧୨ ଟା ଜଲ୍ସେଚନ୍ ପ୍ରକଳ୍ପ ଆଉ ୪୭ ଟା କ୍ଷୁଦ୍ର ଜଲ୍ସେଚନ୍ ପ୍ରକଳ୍ପଥି ଫାଟକ୍ ତିଆର୍ କରାଯିବା ।

ସେଆଡ଼େ ମୁଖ୍ୟମନ୍ତ୍ରୀ ଆଡ଼ିବନ୍ଧ ତିଆର୍ ଯୋଜ୍‌ନାଥି ସର୍‌କାର୍ ଆଏବା ୫ ବଛର୍ ଭିତ୍‌ରେ ୨ ହଜାର୍ ୭ ଶହ ୩୭ କୋଟିନୁ ଅଏତ୍‌କା ଟଙ୍କା ଖର୍ଚ୍ଚା କରିକରି ନଏଦ୍‌ଖଁଡ଼ି ମାନ୍‌କେ ଆଡ଼ିବନ୍ଧ ତିଆର୍ ଆଉ ପୁର୍‌ନା ଆଡ଼ିବନ୍ଧର୍ ମରାମତି କର୍‌ବାର୍‌କେ ଲକ୍ଷ୍ୟ ରଖିଛନ୍ ବଲି ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ହୀରାକୁଦ୍ କରନାଳି ପୁନରୁଦ୍ଧାର I&PR

ହୀରାକୁଦ୍ ଜଲ୍‌ସେଚିତ ଇଲାକାର୍ କରନାଳି ମାନ୍‌କର୍ ପୁନରୁଦ୍ଧାର୍ ଲାଗି ହୀରାକୁଦ୍ ସେଚାଂଚଳ ଉନ୍ନୟନ୍ ଯୋଜ୍‌ନା ଅଧୀନ୍‌ଥି ରାଜ୍ୟ ସର୍‌କାର୍ ୮ ଶହ ୫୫ କୋଟି ଟଙ୍କା ଖର୍ଚ୍ଚା କର୍‌ବାର୍‌କେ ଯୋଜ୍‌ନା ରଖିଛନ୍ । ଇତାର୍ ଜରିଏ ହୀରାକୁଦ୍ ଜଲ୍‌ସେଚିତ୍ ଇଲାକାର୍ ୧ ହଜାର୍ ୫ ଶହ ୧୦ କିଲୋମିଟର୍ ଇଲାକା ନ ୮ ଶହ ୧୭ ଟା କରନାଲିର ପୁନରୁଦ୍ଧାର୍ କାମ୍ ମୁଲ୍ ହେଇଛେ । ହୀରାକୁଦ୍ ଜଲ୍‌ସେଚିତ୍ ଇଲାକା ନ ରବି ଆଉ ଖରିଫ୍ ଦୁହି ଋତୁଥି ଜଲ୍‌ସେଚନ୍ କରାଯାଉଥିବାର୍‌ନୁ ପୁନରୁଦ୍ଧାର୍ କାମ୍‌କେ ୩୧ ଟା ପେକେଜ୍‌ଥି ଭାଗ୍ କରାଯାଇଛେ । ହୀରାକୁଦ୍ ଇଲାକା ନ ଜମି ମାନ୍‌କେ ଠିକ୍ ଭାବେ ପାଏନ୍ ମଡ଼ାବାର୍ ଦିଗେ ଇଟା ଗୁଟେ ଭଲ୍ ପଦକ୍ଷେପ୍ ଆଏ ବଲି ଜଲ୍‌ସମ୍ପଦ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ମୁଖ୍ୟମନ୍ତ୍ରୀ ବାୟୁସେବା ଚିକିତ୍ସା ଶିବିର    ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନା ଠାନେ ଆଏଜ୍‌ଠାନୁ ମୁଖ୍ୟମନ୍ତ୍ରୀ ବାୟୁସେବା ଚିକିତ୍ସା ଶିବିର୍ ମୁଲ୍ ହେବା । ଆଏବା ୨୪ ତାରିଖ୍‌ତକ୍ ବିଶେଷଜ୍ଞ ଡାକ୍ତରୀ ଦଲ୍ ଡାକ୍ତର୍‌ଖାନା ନ ରୋଗୀମାନ୍‌କୁ ସୁପର୍ ସ୍ପେଶାଲିଟି ସ୍ୱାସ୍ଥ୍ୟ ସେବା ଯୁଗେଇ ଦେବେ ।

ସାହାଣୀ କପ୍ ଫୁଟ୍‌ବଲ୍                ଆର୍‌ଏନ୍‌ୟୁ/ ସମ୍ବଲପୁର

ଓଡ଼ିଶା ଫୁଟ୍‌ବଲ୍ ସଂଘ ଆଉ ରାଜ୍ୟ କ୍ରୀଡ଼ା ବିଭାଗ୍ ତର୍‌ଫୁ ଚାଲିଥିବା ଆନ୍ତଃଜିଲ୍ଲା ଫୁଟ୍‌ବଲ୍ ଚାମ୍ପିଅନ୍‌ସିପ୍ ସାହାଣୀ କପ୍‌ଥି ଗଲାକାଏଲ୍ ରାଜ୍ୟର୍ ୪ ଟା ଜୋନ୍ ନ ୮ ଟା ମେଚ୍ ଖେଲାଯାଇଥିଲା ।  ଇଥି ବଲାଙ୍ଗିର୍, କେନ୍ଦ୍ରାପଡ଼ା, ଝାର୍‌ସୁଗୁଡ଼ା, ଅନୁଗୁଲ୍, ରାଉର୍‌କେଲା ଷ୍ଟିଲ୍ ପ୍ଲାଂଟ୍, ନବରଙ୍ଗ୍‌ପୁର୍ ଆର୍ ଭୁବ୍‌ନେଶ୍ୱର୍ ଦଲ୍ ଜିତିଥିଲା ବେଲେ୍ ବୌଦ୍ଧ ଆର୍ କନ୍ଧମାଲ୍ ଭିତ୍‌ରେ ହେଇଥିବା ମେଚ୍ ଡ୍ର ରହିଛେ ।

ପାଣିପାଗ              ଆର୍‌ଏନ୍‌ୟୁ/ ସମ୍ବଲପୁର

ବଙ୍ଗୋପ୍ସାଗର୍ ନ ବନିଥିବା ଘୂର୍ଣ୍ଣିବଳୟ ଆଏବା ୨୪ ତାରିଖ୍ ଭିତ୍ରେ ଲଘୁଚାପ୍ଥି ବଦ୍ଲିପାରେ । ଇତାର୍ବଲେ ଆଏଜ୍ଠାନୁ ରାଜ୍ୟର୍ ଭିନ୍ ଭିନ୍ ଜାଗା ନ ବର୍ଷା ମୁଲ୍ ହେଇଛେ । ଦକ୍ଷିଣ ଓଡ଼ିଶା ନ ସବୁନୁ ଜହ ବର୍ଷା ହେଇପାରେ ବଲି ଭୁବ୍ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ର ତର୍ଫୁ ସୂଚ୍ନା ଦିଆୟାଇଛେ । ଆଏବା ୨୪ ଘଂଟା ଭିତ୍ରେ ପଶ୍ଚିମ ଓଡ଼ିଶା ସହେତେ ରାଜ୍ୟର୍ ୧୯ ଟା ଜିଲ୍ଲା ନ ଘଡ଼୍ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି କେନ୍ଦ୍ର ତର୍ଫୁ କୁହାୟାଇଛେ ।

ହୀରାକୁଦ୍ ଜଲ୍ଭଣ୍ଡାର୍ ଇହାଦେ ୪ ଟା ଗେଟ୍ ଦେଇକରି ପାଏନ୍ ଛଡ଼ାୟାଇଛେ । ଆଏଜ୍ ସଖାଲର୍ ୬ ବଜେତକ୍ ଜଲ୍ସ୍ତର୍ ୬ ଶହ ୧୦ ଦଶ୍ମିକ୍ ୭/ ୯ ଫୁଟ୍ ରହିଛେ ।